# ଐତିହାସିକ ଧର୍ମଶାଳା ମୁନସୀ ମେଳଣ ଉଦ୍‌ଯାପିତ



ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ହାଟପଡିଆରେ ୧୪୮ତମ ଐତିହାସିକ ମୁନସୀ ମେଳଣ ଆଜି ଉଦଯାପିତ ହୋଇଯାଇଛି । ଏହି ମେଳଣରେ ୩୨ ଗୋଟି ବଡ ବିମାନ ଓ ୫୦ ଗୋଟି ଛୋଟ ବିମାନ ଯୋଗଦେଇ ହୋଲି ଖେଳିଥିଲେ । ଗୁରୁବାର ସନ୍ଧ୍ୟାରୁ ଏହି ମେଳଣ ଆରମ୍ଭ ହୋଇଥିବା ବେଳେ ଧର୍ମଶାଳା ଥାନା ପକ୍ଷରୁ ବିଭିନ୍ନ ବର୍ଗର ଲୋକମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଥାନା ପରିସରରେ କଟକର ସାଇଭଜନ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା । ରାତି ପ୍ରାୟ ୧୦ ଟା ସମୟରେ ଚୋରମୁହାଁ ଥାନପତି ବିମାନ ସଙ୍କୀର୍ତନ ଓ ଢୋଲ ବାଜା ସହ ରୋଷଣୀ କରି ବିଭିନ୍ନ ସ୍ଥାନରେ ଭୋଗ ପାଇବା ପରେ ଭୋର ସମୟରେ ହାଟପିଆସ୍ଥିତ ଥାନପତି ଚାରାରେ ବିରାଜମାନ ହୋଇଥିଲେ ।

ତେବେ ଚଳିତ ବର୍ଷ ଅଶ୍ଳୀଳ ଗୀତ ଓ ନାଚକୁ କମିଟି ପକ୍ଷରୁ ବାରଣ କରାଯାଇଥିବାରୁ ବିମାନ ଗୁଡିକ ସର୍ଙ୍କର୍ତନ, ଢୋଲ ବାଜା ଓ ଘୋଡାନାଚ ଆଦି ନୃତ୍ୟ ପ୍ରଦର୍ଶନ କରି ରୋଷଣୀରେ ହାଟପଡିଆସ୍ଥିତ ଚାରାରେ ବସିଥିଲେ । ମେଳଣ କମିଟିର ସଭାପତି ତଥା ଥାନା ଅଧିକାରୀ ତପନ କୁମାର ନାୟକ ସମସ୍ତ ବିମାନ ବୁଲି ଭୋଗ ଲଗାଇଥିଲେ । ଧର୍ମଶାଳା ଥାନା ପକ୍ଷରୁ ଏହି ମେଳଣ ଆୟୋଜନ ହେଉଥିବାରୁ ଏହି ଦିନ ପୁଲିସ କର୍ମଚାରୀମାନେ ସାଧାରଣ ଲୋକମାନଙ୍କ ସହ ମିଶି ହୋଲି ଖେଳିଥାନ୍ତି ।

ଏହି ମେଳଣରେ ଅତିଥି ଭାବେ ଯାଜପୁର ଏସପି ଭିନିତ ଅଗ୍ରୱାଲ, ଅତିରିକ୍ତ ଏସପି ସୀତିକଂଠ କାନୁନଗୋ, ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ କୁମାର ଶତପଥୀ ପ୍ରମୁଖ ଯୋଗଦେଇ କମିଟିର ଆଜୀବନ ସମ୍ପାଦକ ସ୍ୱର୍ଗତ ବୃନ୍ଦାବନ ଶତପଥୀଙ୍କ ହାଟପଡିଆସ୍ଥିତ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ମେଳଣରେ ୩୨ ଗୋଟି ବଡ ବିମାନ ଯୋଗଦେଇଥିଲେ । ଏହି ଅବସରରେ ହାଟପଡିଆରେ ବିଭିନ୍ନ କିସମର ଦୋକାନୀ ପସରା ମେଲାଇଥିଲେ । ଶାନ୍ତି ଶୃଙ୍ଖଳା ପାଇଁ କମିଟି ଓ ପୁଲିସ ପକ୍ଷରୁ ବ୍ୟାବକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

କମିଟିର କାର୍ଯକାରୀ ସଭାପତି ବିପିନ ବିହାରୀ ନାୟକ, ସମ୍ପାଦକ ଜଳଧର ମହାନ୍ତି, ସହ ସମ୍ପାଦକ ପ୍ରମୋଦ କୁମାର ଦାସ, ସଭ୍ୟ ବସନ୍ତ କୁମାର ପରିଡା, ସନ୍ତୋଷ ଜେନା, ଗଙ୍ଗାଧର ମହାରଣା, ଅଜୟ ନାୟକ, ନିରଞ୍ଜନ ମୁଦୁଲି, ସୁଦୀପ୍ତ କୁମାର ସ୍ୱାଇଁ, ବିଚିତ୍ର କୁମାର ସ୍ୱାଇଁ, ପ୍ରଭାତ କବି, ପ୍ରଦୀପ ପଣ୍ଡିତ, ପ୍ରବୋଧ ପାତ୍ର, ଗଣେଶ୍ୱର ରାଉତ, ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ରହି ମେଳଣ ପରିଚାଳନା କରିଥିଲେ । ହାଟପଡିଆ ଚାରାରେ ବିରାଜମାନ ରାଧାକୃଷ୍ଣଙ୍କ ବିମାନ ନିକଟରେ କମିଟି ସଦସ୍ୟମାନେ ପହଁଚି ଠାକୁରଙ୍କୁ ଭୋଗ ଦେଇଥିଲେ ।

# ନଛିପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ



ତେଲେଙ୍ଗାପେଣ୍ଠ, (ସବ୍ୟୁ) : କଟକ ସଦର ବ୍ଲକ ଅନ୍ତର୍ଗତ ଉରାଳୀ ଗ୍ରାମ ପଂଚାୟତ ଅଧିନସ୍ଥ ନଛିପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସ୍କୁଲର ଦ୍ୱାଦଶ ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ବଇେସାହି ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି ।

ଏହି ଉପଲକ୍ଷେ ଆୟୋଜିତ ସଭାରେ ହୃଷିକେଶ ପ୍ରଧାନ ମୁଖ୍ୟଅତିଥି, ସତ୍ୟରଞ୍ଜନ ଷଡ଼ଙ୍ଗୀ ଉଦଘାଟକ, ଡ଼. ଶରତ କୁମାର ରଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେଶିଶିର କୁମାର ଜେନା, ଯୋଗେନ୍ଦ୍ରନାଥ ବସ୍ତିଆ,ତାରକାନ୍ତ ଅଗସ୍ତି, ସନ୍ତୋଷ କୁମାର ପ୍ରଧାନ ଉପସ୍ଥିତ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ସମ୍ପାଦକ ନିମାଇଁ ଚରଣ ଜେନା ମଧ୍ୟ ଉପସ୍ଥିତ ରହିଥିଲେଛ ସଭାରେ ନିଜର ବକ୍ତବ୍ୟ ରଖି ମୁଖ୍ୟବକ୍ତା ତଥା ବିଶିଷ୍ଟ ଶିକ୍ଷାବିତ ଡ଼. ଶରତ କୁମାର ରଥ ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଉପରେ ଗୁରୁତ୍ୱଆରୋପ କରିଥିଲେ । ଏହି ଅବସରରେ ବିଭିନ୍ନ ବିଭାଗରେ ଉତ୍କର୍ଷତା ପ୍ରତିପାଦନ କରିଥିବା, ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରଧାନ ଆଚାର୍ଯ୍ୟ ଅନାମ ଚରଣ ଦାସ ପୁରସ୍କାର ବିତରଣୀ ଉତ୍ସବଟିକୁ ପରିଚାଳନା କରିଥିଲେ । ବିଦ୍ୟାଳୟ ତରଫରୁ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ଉତ୍ସବରେ ସବୁଠାରୁ ଉଲ୍ଲେଖନୀୟ ଥିଲା ଷଷ୍ଠ ଓ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ଦ୍ୱାରା କ୍ଷୁଦ୍ରନାଟକ 'କେଳେଙ୍କାରୀ ବାବା'ର ପରିବେଷଣ । ବିଦ୍ୟାଳୟର ସମସ୍ତ ସହକାରୀ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ଉତ୍ସବରେ ସକ୍ରିୟ ଯୋଗଦାନ ପୂର୍ବକ କାର୍ଯ୍ୟକ୍ରମଟିକୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ ।

## ନବକୁଣ୍ଡୀୟ ଗାୟତ୍ରୀ ଯଜ୍ଞ

ଦଶରଥପୁର, (ସବ୍ୟୁ) : ମଣିଷ ଭିତରେ ଦେବତ୍ୱର ଜାଗରଣ ଓ ଧରିତ୍ରୀରେ ସ୍ୱର୍ଗର ଅବତରଣ ପାଇଁ ଗାୟତ୍ରୀ ଚେତନା କେନ୍ଦ୍ର, ଦଶରଥପୁର ତରଫରୁ ଏକ ବିଶାଳ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ତିନିଦିନ ଧରି ଅନୁଷ୍ଠିତ ହୋଇଯାଇଛି ।

ପ୍ରଥମ ଦିନରେ ମମତା ସାହୁ, ଟିକିଲି ସୂତାର, ପଦ୍ମିନୀ ଦାସ, ରାଧାରାଣୀ ସାହୁଙ୍କ ନେତୃତ୍ୱରେ ପ୍ରାୟ ପାଞ୍ଚଶହରୁ ଉର୍ଦ୍ଧ୍ୱ ମହିଳା କଳସ ଶୋଭା ଯାତ୍ରାରେ ସାମିଲ ହୋଇଥିଲାବେଳେ ସନ୍ଧ୍ୟାରେ ଏକ ଧାର୍ମିକ ସଭା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ସାମ୍ବାଦିକ ଉମାକାନ୍ତ ଧଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଡାକ୍ତର ଗୋପାଳଚନ୍ଦ୍ର ମିଶ୍ର ମୁଖ୍ୟଅତିଥି, ହରେରାମ ପଣ୍ଡା ମୁଖ୍ୟବକ୍ତା, ସମ୍ମାନୀତ ଅତିଥିଭାବେ ବିଦ୍ୟୁତଲତା ଦାସ ଓ ସଭା ସମ୍ପର୍କରେ ଗାୟତ୍ରୀ ଚେତନା କେନ୍ଦ୍ରର ମୁଖ୍ୟ ଟ୍ରଷ୍ଟି ଖଗେଶ୍ୱର ଦାସ ନିଜର ବକ୍ତବ୍ୟ ରଖିଥିଲେ। ଦୁଇଦିନ ଧରି ଚାଲିଥିବା ଯଜ୍ଞକୁ ପ୍ରମୋଦ କୁମାର ପୃଷ୍ଟି, ସୂର୍ଯ୍ୟକାନ୍ତ ଲେଙ୍କା, ମାନସ ଚନ୍ଦ୍ର ସାମଲ ପରିଚାଳନା କରିଥିଲେ । ରବିନ୍ଦ୍ର ପୋଥାଳ, ନବ ପୋଥାଳ, ବସନ୍ତ ବିଶ୍ୱାଳ, ସୁଧାକର ଦାସ, ବାବାଜୀ ବେହେରା, ପରେଶ ନାୟକ ପ୍ରମୁଖ ସହାୟତା କରିଥିଲେ । ଏହି ଅବସରରେ ଡାକ୍ତର ଗୋପାଳ ଚନ୍ଦ୍ର ମିଶ୍ର, ହରେରାମ ପଣ୍ଡା, ବିଦ୍ୟୁତଲତା ଦାସ, ଉମାକାନ୍ତ ଧଳ, ଦୁର୍ଗା ଶଙ୍କର ଶତପଥି, ସୁଦର୍ଶନ ବେହେରା, ଧିରେନ୍ଦ୍ର ମଲ୍ଲିକଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧତ କରାଯାଇଥିଲା ।

## ବିଶ୍ୱଜିତ ମେମୋରିଆଲ କ୍ରିକେଟ

ଜଗତସିଂହପୁର, (ସବ୍ୟୁ): ସଦର ବ୍ଲକ ଅନ୍ତର୍ଗତ କାଦୁଅପଡା ଠାରେ ବିଶ୍ୱଜିତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ ଭାଗ ନେଇଥିଲେ । ଏହି ଟୁର୍ଣ୍ଣାମେଣ୍ଟର ଉଦଯାପନି ଉତ୍ସବରେ ଜିଲ୍ଲା ପରିଷଦ ସଭ୍ୟ ବିବେକାନନ୍ଦ ବେହେରା, ଆଇନଜିବୀ ନରେଶ ଦାସ, ସୂର୍ଯ୍ୟକାନ୍ତ ତ୍ରିପାଠୀ, ସୁଶାନ୍ତ କୁମାର ବେହେରା ପ୍ରମୁଖ ଅତିଥୀ ଭାବରେ ଯୋଗ ଦେଇଥିଲେ । ଫାଇନାଲ ମ୍ୟାଚ କାଦୁଅପଡା ଓ ଦ୍ୱନ୍ଦ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଚମ୍ପିଆନ ଦଳକୁ ଅତିଥୀମାନେ ଟ୍ରଫି ପ୍ରଦାନ କରିଥିଲେ ।ଏହି ଟୁର୍ଣ୍ଣାମେଣ୍ଟକୁ ଦିପକ କୁମାର ରାଉତ, ଜଗନ୍ନାଥ ମହାରଣା, ପ୍ରତ୍ୟୁଷ କୁମାର ଖଟୁଆ, ଅମରେନ୍ଦ୍ର ସେଠୀ, ଅବିନାଶ ବଡୁ, ସୁଜିତ ଓଝା, ସରୋଜ ଖଟୁଅ, ସୌମେନ୍ଦ୍ର ସେଠୀ ପ୍ରମୁଖ ପରିଚାଳନା କରିଥିଲେ ।

# ସାଙ୍କିଲୋ ଉପସ୍ୱାସ୍ଥ୍ୟକେନ୍ଦ୍ରକୁ ନାହିଁ ରାସ୍ତା
# ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ



ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନସ୍ଥ କଟରପଡ଼ା ପଞ୍ଚାୟତ ସାଙ୍କିଲୋ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରକୁ ଉପଯୁକ୍ତ ରାସ୍ତା ଚିହ୍ନଟ ନେଇ ପଞ୍ଚାୟତବାସୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିଥିଲେ । ଦୁଇ ଦିନ ଅନଶନରେ ବସିବା ପରେ ତହସିଲଦାର ଅନିତା ନାୟକ ୧୦ଦିନ ଭିତରେ ଉପସ୍ୱାସ୍ଥ୍ୟ କେନ୍ଦ୍ରକୁ ଥିବା ରାସ୍ତାର ଚିହ୍ନଟ କରି ସମିତିସଭ୍ୟା ସ୍ୱାଗତିକା ନାୟକ ଏବଂ ଅନ୍ୟାନ୍ୟ ଲୋକମାନଙ୍କୁ ନକ୍ସା ଦେଖାଇବା ପାଇଁ ପ୍ରତିଶ୍ରୁତି ଦେବା ପରେ ଗୁରୁବାର ବିଳମ୍ବିତ ରାତିରେ ଅନଶନ ପ୍ରତ୍ୟାହୃତ ହୋଇଥିବା ଜଣାଯାଇଛି ।

ଏହି ଉପସ୍ୱାସ୍ଥ୍ୟ କେନ୍ଦ୍ରଟି ଯେଉଁ ନୂତନ ସ୍ଥାନରେ ନିର୍ମାଣ କରାଯାଉଛି ସେଠାକୁ ଯାତାୟତ ପାଇଁ ରାସ୍ତା ନଥିବା ସଂକ୍ରାନ୍ତରେ ସମ୍ପୃକ୍ତ ଅନଶନକାରୀ ମାନେ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ଅବଗତ କରାଇଥିଲେ । ଏ ସଂକ୍ରାନ୍ତରେ ଏକ ତଦନ୍ତ ହେବା ପରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଉପସ୍ୱାସ୍ଥ୍ୟ କେନ୍ଦ୍ରକୁ ରାସ୍ତା ଥିବା ସଂକ୍ରାନ୍ତରେ ଜିଲ୍ଲା କାର୍ଯ୍ୟାଳୟକୁ ଏକ ରିପୋର୍ଟ ଦିଆଯାଇଥିଲା । ପ୍ରକୃତରେ ରାସ୍ତା ନଥିବା ସଂକ୍ରାନ୍ତରେ ପୁନର୍ବାର ଅଭିଯୋଗ ହୋଇଥିଲା । ଉପଜିଲ୍ଲାପାଳ ୭ଦିନ ମଧ୍ୟରେ ଉକ୍ତ ରାସ୍ତା ଚିହ୍ନଟ କରି ସମ୍ପୃକ୍ତ ପଞ୍ଚାୟତବାସୀଙ୍କୁ ରାସ୍ତାର ନକ୍ସା ପ୍ରସ୍ତୁତ କରିଦେବା ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତହସିଲଦାର ଏହି କାର୍ଯ୍ୟ ନକରିବାରୁ ସମିତିସଭ୍ୟାଙ୍କ ନେତୃତ୍ୱରେ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରାଯାଇଥିଲା ।

ଗୁରୁବାର ଦିନ ଅନଶନକାରୀ ମାନେ କ୍ଷୁବ୍ଧ ହୋଇ ତହସିଲଦାର ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ମାନଙ୍କୁ ବାହାରକୁ ଛାଡ଼ିବାକୁ ଦେଇନଥିଲେ । ଏହାପରେ ତହସିଲଦାର କାର୍ଯ୍ୟାଳୟରେ ବିଡ଼ିଓ ବିରଞ୍ଚିନାରାୟଣ ବେହେରା, ସହକାରୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର ଙ୍କ ସମେତ ପୋଲିସ ଅଧିକାରୀ ଉପସ୍ଥିତ ହୋଇ ଅନଶନକାରୀଙ୍କ ମଧ୍ୟରେ ଏକ ଆଲୋଚନା ହେବା ପରେ ୧୦ଦିନ ଭିତରେ ରାସ୍ତା ଚିହ୍ନଟ ପ୍ରକିୟା ଶେଷ ହେବାକୁ ପ୍ରତିଶ୍ରୁତି ଦେବାରୁ ଅନଶନ ପ୍ରତ୍ୟାହୃତ ହୋଇଥିଲା ।

## ଯୁବକଙ୍କ ନିକଟରୁ ବ୍ରାଉନସୁଗର ଜବତ

ପାଣିକୋଇଲି, (ସବ୍ୟୁ) : ଶଙ୍ଖଚିଲା ଫାଣ୍ଡିକୁ ଆସିଥିବା ଜୈନିକ ଯୁବକଙ୍କ ନିକଟରୁ ବ୍ରାଉନ ସୁଗାର ଜବତ କରିଛି ପୁଲିସ । ପ୍ରକାଶଯେ ଶଙ୍ଖଚିଲା ଅଂଚଳରୁ ଜୈନିକ ମହିଳା ନିଖୋଜନେଇ ତାଙ୍କ ଶଶୁର ଫାଣ୍ଡିରେ ଅଭିଯୋଗ କରିଥିଲେ । ପରେ ସେହି ନିଖୋଜ ମହିଳାଙ୍କ ବାପଘର ଲୋକ ମଧ୍ୟ ଫାଣ୍ଡିରେ ପହଂଚିଥିଲେ । ଏନେଇ ଉକ୍ତ ମହିଳାଙ୍କ ସ୍ୱାମୀକୁ ଫାଣ୍ଡିକୁ ଡକାଯାଇଥିଲା । ଯୁବକ ଜଣଙ୍କ ଉପରେ ପୂର୍ବରୁ ପୁଲିସର ସନ୍ଦେହ ରହିଥିଲା । ସେ ଥାନାରେ ପହଂଚିବା ପରେ ତାକୁ ଯାଂଚ କରିବାକୁ ତା ନିକଟରୁ ପୁଟୁଳାରେ ଭର୍ତି ବ୍ରାଉନ ସୁଗାର ଜବତ କରାଯାଇଥିଲା । ଏନେଇ ପାଣିକୋଇଲି ଥାନାକୁ ଜଣାଇବା ପରେ ପୁଲିସ ଯାଇ ତାକୁ ଧରି ଥାନାକୁ ଆଣି ତଦନ୍ତ ଜାରି ରଖିଛି । ଉକ୍ତ ଯୁବକ ଜଣଙ୍କ ଶଙ୍ଖଚିଲା ଅଂଚଳ ତଥା ଖମଣ ପଂଚାୟତ ଅନ୍ତର୍ଗତ ରାଧାନଗର ପାଟଣା ଗ୍ରାମର ଲକ୍ଷ୍ମୀଧର ପୃଷ୍ଟିଙ୍କ ପୁଅ ସୌମ୍ୟରଂଜନ ପୃଷ୍ଟି ବୋଲି ସୂଚନା ମିଳିଛି ।

## ଅଙ୍ଗନୱାଡି କେନ୍ଦ୍ରରୁ ଚୋରି

ଡେରାବିଶ , (ସବ୍ୟୁ) : ଡେରାବିଶ ବ୍ଲକ ଗୋଲରାହାଟ ପଂଚାୟତ ଅନ୍ତର୍ଗତ ଦିଅପଡା ଅଙ୍ଗନୱାଡି କେନ୍ଦ୍ରରୁ ଚୋରୀ ହୋଇଥିବା ନେଇ ଡେରାବିଶ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ଦିଅପଡା ଅଙ୍ଗନୱାଡିକେନ୍ଦ୍ରର ଜୟନ୍ତୀରେଖା କାଣ୍ଡି ଗତ ୨୭ ତାରିଖ ସକାଳ ୯ଟା ୧୦ ମିନିଟ ସମୟରେ କେନ୍ଦ୍ରରେ ପହଁଚି ତାଲା ଖୋଲିବାକୁ ଗଲାବେଳେ ରୋଷେଇ ଘର ତାଲା ପୂର୍ବରୁ ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ । ଭିତରେ ଥିବା ଇନଭଟର ଓ ପାଣିମଟର ନଥିବା ଦେଖିବାକୁ ପାଇଥିଲେ । କେହି ଦୁର୍ବୃତ ପାଇପ କାଟି ମଟର ନେଇ ଯାଇଛି । ଏହି କେନ୍ଦ୍ରର ସୁବିଧା ଅସୁବିଧା ସମୟରେ ବାହାର ପିଲା ବସାଉଠା କରନ୍ତି । ତୁରନ୍ତ ଏହାର ଅନୁସନ୍ଧାନ କରି ଚୋରୀ ଜିନିଷ କୁ ଉଦ୍ଧାର କରିବା ସହିତ ଚୋରକୁ ଧରିବା ପାଇଁ ଗ୍ରାମବାସୀମାନେ ଦାବୀ କରିଛନ୍ତି ।

# ଜଗନ୍ନାଥ ହାଟ ମେଳଣ



ଉଦୟଗିରି , (ସବ୍ୟୁ) : ବହୁ ପୁରାତନ ବାଲିଚନ୍ଦ୍ରପୁର ଜଗନ୍ନାଥ ହାଟ ମେଳଣ ଆଜି ଭୋର ସମୟରୁ ଆରମ୍ଭ କରାଯାଇ ଅପରାହ୍ନରେ ଶେଷ ହୋଇଛି । ଥାନପତି ବିମାନ ଭାବେ ବାଲିଚନ୍ଦ୍ରପୁର ଗ୍ରାମର ଶ୍ରୀ ଶ୍ରୀ ରାଧାକାନ୍ତ ଜୀୟୁଙ୍କୁ ବାଜା ବାଣ ଓ ନାମ ସଂକୀର୍ତ୍ତନ ସହିତ ଏକ ବିଶାଳ ଶୋଭାଯାତ୍ରାରେ ପ୍ରଥମେ ମେଳଣ ସ୍ଥଳକୁ ଅଣାଯାଇଥିଲା ।

ପରେ ପରେ ପତରାଜପୁର, ନାନପୁର, ଆମ୍ବସୈାରୀ, ମାଣିତ୍ରୀ, ମାଟି ପାରିଲୋ, ବିଲିପଡା, ଅକରପଡା, ନାନପୁର ପଟଣା, ରୁକୁଟିପାଟ, ଅଣିଳା, ସାହାସପୁର ଓ ସୋରଳ ଆଦି ବିଭିନ୍ନ ସ୍ଥାନରୁ ୧୮ଗୋଟି ବିମାନ ବିଭିନ୍ନ ଶୋଭାଯାତ୍ରାରେ ମେଳଣ ସ୍ଥଳରେ ପହଞ୍ଚିଥିଲେ । ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଆଜିର ଏହି ମେଳଣ ଉତ୍ସବକୁ ବେଶ ମନଭରି ଉପଭୋଗ କରିଥିଲେ ।

ଏହି ଅବସରରେ କମିଟି ପକ୍ଷରୁ ସମସ୍ତ ବିମାନର ସତ୍ୱାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବାଲିଚନ୍ଦ୍ରପୁର ଗ୍ରାମ କମିଟି ସଭାପତି ଅବସରପ୍ରାପ୍ତ ଶିକ୍ଷକ ପ୍ରତାପ ଚନ୍ଦ୍ର ପରିଡା, ସମ୍ପାଦକ ଅଧାପକ ସଂଗ୍ରାମ ପରିଡା ଓ କର୍ମକର୍ତ୍ତା ସର୍ବଶ୍ରୀ ପ୍ରଫୁଲ୍ଲ କୁମାର ପରିଡା, ନାରାୟଣ ଚନ୍ଦ୍ର ପଣ୍ଡା, ଚୌଧୁରୀ ଧୀରେନ୍ଦ୍ର କୁମାର ପରିଡା, ବଟକୃଷ୍ଣ ସାହୁ, ବ୍ରଜ କିଶୋର ସାହୁ, ପ୍ରକାଶ ଚନ୍ଦ୍ର ସାମଲ, ବିଜୟ କୁମାର ପରିଡା, ରାଧୁ ଚରଣ ପରିଡା, ପ୍ରେମାନନ୍ଦ ପରିଡା, ଅଶୋକ ପରିଡା, କାର୍ତ୍ତିକ ଚନ୍ଦ୍ର ସେଠୀ, ଏକାଦଶୀ ସେଠୀ ଓ ବସନ୍ତ କୁମାର ସେଠୀ ପ୍ରମୁଖ ମେଳଣ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ବାଲିଚନ୍ଦ୍ରପୁର ଥାନାଧିକାରୀ ପ୍ରମୋଦିନୀ ସାହୁଙ୍କ ନେତୃତ୍ୱରେ ପୁଲିସ ବାହିନୀ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା ।

# ଭଙ୍ଗଗ୍ରାମରେ ସାହିତ୍ୟ ଆସର



ତିର୍ତ୍ତୋଲ, (ସବ୍ୟୁ) : ତିର୍ତ୍ତୋଲ ବ୍ଲକ ଅ'ର୍ଗତ ଗୋବିନ୍ଦପୁର ପଞ୍ଚାୟତ ଭଙ୍ଗଗ୍ରାମର ପ୍ରସିଦ୍ଧ ଗାଦୀ ଗୋସାଇଁ ପୀଠର ରାମଲୀଳା ମଣ୍ଡପ ରେ ପ୍ରବିବର୍ଷ ଭଳି ଦୋଳ ଉତ୍ସବ ପାଳନ ଅବସରରେ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି । ପତିତପାବନ ଯୁଥ କ୍ଲବ ଆନୁକୁଲ୍ୟରେ ଅନୁଷ୍ଠିତ ସାହିତ୍ୟ ଆସରରେ ଇଚ୍ଛାବିହାରୀ ବିଦ୍ୟାମନ୍ଦିରର ଶିକ୍ଷକ ଭୋଳାନାଥ ଦାସ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ସାହିତ୍ୟକ ଅମରଜ୍ୟୋତି ସାହୁ, ମୁଖ୍ୟବକ୍ତା ଶିକ୍ଷକ ପ୍ରତାପ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଆଦିକବି ସାରଳାଦାସ ମହାବିଦ୍ୟାଳୟ ତିର୍ତ୍ତୋଲର ଅଧାପିକା ସାଗରିକା ପୃଷ୍ଟି ଯୋଗଦେଇ ବକ୍ତବ୍ୟ ରଖିଥିଲେ । ପରେ ସୌମ୍ୟରନ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ୫୦ରୁ ଉର୍ଦ୍ଧ କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ଶ୍ରେଷ୍ଠ ବିବେଚିତ କବି କବୟିତ୍ରୀ ମାନଙ୍କୁ ସମ୍ମାନିତ କରାଯାଇଥିଲା । ଯୁଥ କ୍ଲବର ସନ୍ତୋଷ ଖୁଣ୍ଟିଆ, ତାପସ ରାଉତ ଓ ସ୍ୱରାଜ ଖୁଣ୍ଟିଆଙ୍କ ସମେତ ସଭ୍ୟ ମାନେ ପରିଚାଳନା କରିଥିବାବେଳେ ସ୍ୱାଧିନ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ ।

## ଜାତୀୟସ୍ତରୀୟ ବାଣିଜ୍ୟ ମେଳା

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ପୌରାଂଚଳ ଅ'ର୍ଗତ ମହିପାଳ ଟେଲିକମ ପଡିଆରେ ଏକ ଜାତୀୟ ସ୍ତରୀୟ ବାଣିଜ୍ୟ ମେଳା-୨୦୨୪ ଉଦ୍ଘାଟିତ ହୋଇଯାଇଛି । ଅରୂପା (ଓଆରୟୁପିଏ) ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ଏହି ବାଣିଜ୍ୟ ମେଳାକୁ ପୂର୍ବତନ ବିଧାୟକ ତଥା ବରିଷ୍ଠ ସମାଜସେବୀ ଚିନ୍ମୟ ପ୍ରସାଦ ବେହୁରା ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅରୂପାର ସିଇଓ ଅଶୋକ କୁମାର ସାହୁ ଙ୍କ ସମେତ ମିର୍ ମୁରସିଦ, ଫୟାଜ ଅନୱାର, ଇଂ ବିଭୂ ପ୍ରସାଦ ସାହୁ, ସାଦାବ ଅନୱାର ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟ ତଥା ରାଜ୍ୟ ବାହାରୁ ୫୧ଟି ଷ୍ଟଲ ଏହି ମେଳାରେ ସ୍ଥାନ ପାଇଛି । ଏଥିରେ ମିରଟ ର ଖଦି, ମୁରସିଦାବାଦ ର ପିତଳ, ଗୁଜୁରାଟ ର ବେଡସିଟ୍, ରାଜସ୍ଥାନର ଖଦି, ଓଡିଶା ବରହ୍ମପୁର ର ଆଚାର, ରାଜସ୍ଥାନର ଜୁଏଲାରୀ, କଲିକତାର ଚପଲ ପ୍ରଭୃତି ୫୧ଟି ଷ୍ଟଲ ସ୍ଥାନ ପାଇଛି । ଏହାକୁ ଦେଖିବା ପାଇଁ ସ୍ଥାନୀୟ ଅଂଚଳରେ ଭିଡ ଜମୁଛି । ଏହି ମେଳା ୧୫ ଦିନ ଧରି ଚାଲୁ ରହିବ ବୋଲି ଉଦ୍ୟୋକ୍ତା ମାନେ ପ୍ରକାଶ କରିଛନ୍ତି ।

# ମିଡିଆ କ୍ରିକେଟ ଟିମ୍‌ର ଦମଦାର ବିଜୟ



ପାରାଦୀପ, (ଜି.ପ୍ର) : ବାବା ବାଲୁଙ୍କେଶ୍ୱର ଟୁର୍ଣ୍ଣାମେଣ୍ଟ ୨୪ ତାରିଖ ରୁ ଆରମ୍ଭ ହୋଇ ମାର୍ଚ୍ଚ ୩୧ ରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଯାଉଛି । ୧୬ଟି ଟିମ୍ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ବେଳେ ଶୁକ୍ରବାର ଦିନ ବିଶ୍ୱାଳି ଡ୍ରାମା ପଡ଼ିଆରେ ମିଡ଼ିଆ କ୍ରିକେଟ୍ ଟିମ୍ ଓ ବାବା ବାଲୁଙ୍କେଶ୍ୱର ଟିମ୍ ମଧ୍ୟରେ ବନ୍ଧୁତାପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଛୁଟି ଦିନରେ ବିଭିନ୍ନ ବିଭାଗ ସହିତ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ବନ୍ଧୁତାପୂର୍ଣ୍ଣ ମ୍ୟାଚ୍ ଖେଳିଥାନ୍ତି । ଉଭୟ ଟିମ୍‌ର ବରିଷ୍ଠ ଖେଳାଳିମାନେ ଏହି ମ୍ୟାଚରେ ଖେଳିବା ପାଇଁ ସୁଯୋଗ ପାଇଥିଲେ ।

ପ୍ରଥମ ଟସ୍ ଜିତି ମିଡ଼ିଆ କ୍ରିକେଟ୍ ଟିମ୍ ର ଅଧିନାୟକ ରାକେଶ ପଟ୍ଟନାୟକ ଙ୍କ ନେତୃତ୍ୱରେ ର୍ନିଧାରିତ ୧୦ ଓଭରରେ ଧୁଆଁଧାର ବ୍ୟାଟିଂ ର ପ୍ରଦର୍ଶନ କରି ମାତ୍ର ୭ ଉଇକେଟ୍‌ରେ ୧୪୭ ରନ୍ କରିଥିଲେ । ବାବା ବାଲୁଙ୍କେଶ୍ୱର ଟିମ୍ ର୍ନିଧାରିତ ୧୦ ଓଭରରେ ତାର ମୁଲ୍ୟବାନ ୫ଟି ଉଇକେଟ୍ ହରେଇ ୧୨୯ କରି ପରାଜୟର ସ୍ୱାଦ ଚାଖିଥିଲା । ଦର୍ଶକମାନେ ସାମ୍ବାଦିକମାନଙ୍କ ଖେଳର ଭରପୁର ମଜା ଉଠାଇବା ଦେଖିବାକୁ ମିଳିଥିଲା ।

ଅନ୍ୟପକ୍ଷରେ ଉପ ଅଧିନାୟକ ପ୍ରଶାନ୍ତ କୁମାର ସ୍‌ାଇଁ, ଟିମ୍ ର ମ୍ୟାନେଜର ସନ୍ତୋଷ ଭାରତୀ, କୋଚ୍ ସୁରେଶ ସ୍ୱାଇଁ ଙ୍କୁ ଏହି ମ୍ୟାଚ୍ ରେ ନେତୃତ୍ୱ ନେଇଥିବା ଦେଖିବାକୁ ମିଳିଥିଲା । ସାମ୍ବାଦିକ ପ୍ରଭାକର ସାହୁ ମିଡିଆ କ୍ରିକେଟ ଟିମର ଏହି ବିଜୟରେ ଖେଳାଳି ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଓଲକଣା ମେଳଣରୁ ଚେନ ଲୁଟିଲେ ଦୁର୍ବୃତ୍ତ

ଡେରାବିଶ, (ସବ୍ୟୁ) : ଓଲକଣା ମେଳଣ ଦେଖିବାକୁ ଯାଇଥିବା ଦୁଇଜଣ ବ୍ୟକ୍ତିଙ୍କ ବେକରୁ କେହି ଦୁର୍ବୃତ ଦୁଇଟି ସୁନାଚେନ ଛିଣ୍ଡାଇ ନେଇ ଥିବା ନେଇ ଡେରାବିଶ ଥାନାରେ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ ଯେ ଡେରାବିଶ ଥାନା ଏଣ୍ଡର ପଂଚାୟତ କରଣସାହି ଗ୍ରାମର ତୁଷାରରଂଜନ ଦାସଙ୍କ ଧର୍ମପତ୍ନୀଙ୍କ ଓ ତାଙ୍କ ସାଙ୍ଗ ଗତ ୨୫ ତାରିଖ ଦିନ ଓଲକଣା ମେଳଣ ଦେଖିବାକୁ ଯାଇଥିଲେ । ଭିଡର ସୁଯୋଗ ନେଇ କେହି ଦୁର୍ବୃତ ତାଙ୍କ ପତ୍ନୀ ଓ ସାଙ୍ଗଙ୍କ ବେକରୁ ଦୁଇଟି ସୁନାଚେନ ଛିଣ୍ଡାଇ ନେଇ ପଳାଇ ଯାଇଥିଲେ । ଦୁଇଟି ସୁନା ଚେନର ଓଜନ ପ୍ରାୟ ୩ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ତୁଷାର କହିଛନ୍ତି ।



# ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇ ଚଢିଗଲା ଯାତ୍ରୀବାହୀ ଅଟୋ, ୩ ଆହତ



ବେତନଟୀ , (ସବ୍ୟୁ) : ବୈଶିଙ୍ଗା ଥାନା ଅଧୀନ ବଙ୍ଗାଳିଡାହି ଛକ ନିକଟରେ ଶୁକ୍ରବାର ଦିନ ୧୦ଟାରେ ବିଦ୍ୟୁତ୍ ଖୁଣ୍ଟକୁ ଏକ ଯାତ୍ରୀବାହି ଅଟୋ ଧକ୍କାଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଅଟୋ ଚାଳକ ସମେତ ମୋଟ ଚାରିଜଣ ଥିବାବେଳେ ଜଣେ ଗୁରୁତର ଆହତ ହୋଇଥିଲେ । ଓଡି-୧୧ଏଏ- ୧୫୮୫ନମ୍ବର ବିଶିଷ୍ଟ ଯାତ୍ରୀବାହୀ ଅଟୋ ଯୋଗେ ଚାଳକଙ୍କ ସହିତ ତିନିଜଣ ଯାତ୍ରୀ ରୁପ୍ସାରୁ ବୈଶିଙ୍ଗା ଅଭିମୁଖେ ଆସୁଥିବା ସମୟରେ ବଙ୍ଗାଳିଡାହି ଛକରେ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ବିଦ୍ୟୁତ ଖୁଣ୍ଟରେ ପିଟିହୋଇ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଥିବା ବେଳେ ଯାତ୍ରୀବାହୀ ଅଟୋଟି ଉପରକୁ ଉଠିଯାଇଥିଲା । ଦୁର୍ଘଟଣାରେ ୩ଜଣ ସାମାନ୍ୟ ଆହତ ହୋଇଥିବା ବେଳେ ଆଗ୍ରିଆ ପଞ୍ଚାୟତ ଅଧୀନ ପାଟପୁର ଗ୍ରାମର ବର୍ଷା ମୁର୍ମୁର ପୁଅ କନ୍ଧା ମୁର୍ମୁଙ୍କ ହାତ ଭାଙ୍ଗିଯିବା ସହିତ ଗୁରୁତର ଆହତ ହୋଇଥିଲେ। ଗୁରୁତର କନ୍ଧାଙ୍କୁ ଉଦ୍ଧାରକରି ବୈଶିଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ପଠାଯାଇଥିବା ଜଣାଯାଇଛି।

# ଡିଜେ ଶବ୍ଦରେ ଦୁଲୁକିଲା ଧାମନଗର, ପୋଲିସ ନାଚାର

ଧାମନଗର,(ସବ୍ୟୁ):ଧାମନଗର ବ୍ଲକର ବିଭିନ୍ନ ଅଂଚଳରେ ପ୍ରସିଦ୍ଧ ମେଳନ ଉତ୍ସବ ମାନ ଅନୁଷ୍ଠିତ ହୋଇଯାଇଛି। ଧାମନଗର ବ୍ଲକ ଅଂଚଳର ସର୍ବପୁରାତନ ବୟାଙ୍ଗଡିହ ପଂଚାୟତ ନୂଆହାଟ ମେଳଣ ଗତ ୨୬ ତାରିଖରେ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୨୫୦ ବର୍ଷରୁ ଉଦ୍ଧର୍ବ ହେବ ନିରବଛିନ୍ନ ଭାବେ ଚାଲିଆସୁଥିବା ଏହି ମେଳଣରେ ଚଳିତବର୍ଷ ଆଖ ପାଖ ଅଂଚଳର ୩୦ରୁ ଉଦ୍ଧର୍ବ ଦୋଳ ବିମାନରେ ଶ୍ରୀଜୀଉମାନେ ବିଜେ ହୋଇ ମେଳଣ ପଡିଆକୁ ଆସିଥିଲେ। ଦୋଳମଣ୍ଡପରେ ଠାକୁର ମାନେ ଦୁଇ ଦିନ ରହିଥିବା ବେଳେ ସେଠାରେ ପାରମ୍ପରିକ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ହଜାର ହଜାର ଭକ୍ତ,ଶ୍ରଦ୍ଧାଳୁ ଓ ଜନସାଧାରଣ ଦୋଳ ବିମାନରେ ରାଧାକୃଷ୍ଣଙ୍କୁ ଦର୍ଶନ କରିଥିଲେ। ସେହିପରି ଧାମନଗର ବ୍ଲକ ଅଂଚଳର ମଢାଗଡିଆ (ଲୁଣିଆ) ଓ ସହିଦ ନଗର ମେଳଣ ମଧ୍ୟ ଅନୁଷ୍ଠିତ ହୋଥିଲା। ଏହା ପୂର୍ବରୁ ଗତ ୨୪ତାରିଖରେ ପଳିକିରୀ ମେଳଣ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀଗୋପୀନାଥ ଜୀଉଙ୍କ ସହ ଆଠଟି ଦୋଳ ବିମାନ ଅଂଶଗ୍ରହଣ କରିଥିଲେ। ୨୫ ତାରିଖରେ ସୂର୍ଯ୍ୟପୂର ମେଳଣ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀରାଧାଗୋବିନ୍ଦ ଜୀଉଙ୍କ ସହ ପ୍ରାୟ ୩୫ରୁ ଉଦ୍ଧର୍ବ ବିମାନ ଯୋଗଦେଇଥିଲେ। ୨୭ ତାରିଖରେ ଧାମନଗର ଏନଏସିର ଶାମପୁର ମେଳଣ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀରାଧାକୃଷ୍ଣଜୀଉଙ୍କ ସହ ଦଶଟି ବିମାନ ଅଂଶଗ୍ରହଣ କରିଥିଲେ। ସେହିପରି ୨୮ ତାରିଖରେ ଚୁଡ଼ାକୁଟି ମେଳଣ ଅନୁଷ୍ଠିତ ହୋଇଥିଲା। ଶେଷରେ ୨୯ ତାରିଖ ଦିନ ମଙ୍ଗଳାପଦା ମେଳଣ ଅନୁଷ୍ଠିତ ହେଉଥିବାର ଜଣାଯାଇଛି। ରଂଗର ପର୍ବ ହୋଲି ଓ ପଂଚ ଦୋଳର ଏହି ଅପୂର୍ବ ତଥା ଅନନ୍ୟ ମେଳଣ ପର୍ବକୁ ସଂପୂର୍ଣ୍ଣ ଧାର୍ମିକ ରୀତିନୀତିରେ ପାଳନ କରାଯାଉଥିବା ବେଳେ ପାରମ୍ପରିକ ପ୍ରଥାରୁ ଆଜିର ଯୁବ ପିଢି ଟିକେ ଦୁରେଇ ପାରମ୍ପରିକ ବାଦ୍ୟଯନ୍ତ୍ର ପରିବର୍ତ୍ତେ ଡିଜେକୁ ଆପଣେଇଛନ୍ତି। ମାନ୍ୟବର ଉଚ୍ଚନ୍ୟାୟାଳୟଙ୍କ କଠୋର କଟକଣା ସତ୍ତ୍ୱେ ସବୁ ମେଳଣରେ ଏଥର ଡିଜେର ବହୁଳ ବ୍ୟବହାର ଦେଖିବାକୁ ମିଳିଛି। ବିଶେଷକରି ଧାମନଗର ସହରର ଶାମପୁର ମେଳଣ ଓ ଚୁଡାକୁଟି ମେଳଣର ଡିଜେ ବ୍ୟବହାର ସବୁ ସୀମାପାର କରିଦେଇଛି। ଡିଜେର ପ୍ରଚଣ୍ଡ ଶବ୍ଦରେ ଏଠାକାର ଲୋକେ ଅତିଷ୍ଠ ହୋଇଥିବାବେଳେ ସ୍ଥାନୀୟ ପୋଲିସ ପ୍ରଶାସନ ନାଚାର ତଥା କିଂକର୍ତ୍ତବ୍ୟମୂଢ଼ ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା।

## ବାର୍‌ହା ମାଂସ ଜବତ : ଜଣେ ଗିରଫ

ଦଶପଲ୍ଲା , (ସବ୍ୟୁ) : ବାରାହା ମାଂସ ଧରି ଆସୁଥିବା ଜଣେ ଯୁବକ କୁ ଦଶପଲ୍ଲା ବନ ବିଭାଗ ପକ୍ଷରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ଯୁବକ ଙ୍କ ନାଁ ନାରଣ ମୁଦୁଲି(୪୦) ଓ ତାଙ୍କ ଘର ଦଶପଲ୍ଲା ଥାନା ସିମିଳିସାହି ଗ୍ରାମରେ । ଗତ ୨୭ ତାରିଖ ରାତିରେ ଦଶପଲ୍ଲା ବନ ବିଭାଗ ପକ୍ଷରୁ ପଙ୍କୁଆ ଛକ ଠାରେ ପେଟ୍ରୋଲିଂ ଚାଲୁଥିବା ବେଳେ ନାରଣ ଏକ ସ୍କୁଟି ରେ ୨ କେଜି ବାର୍ହା ମାଂସ ଧରି ସାକେଣିରୁ ନିଜ ଘର ସିମିଳିସାହି ଆସୁଥିବା ବେଳେ ବନ ବିଭାଗ କର୍ମଚାରୀ ମାନେ ନାରଣ କୁ ଧରିବାରେ ସଫଳ ହୋଇଥିଲେ ।

## ମଦ ଜବତ : ତିନି କୋର୍ଟଚାଲାଣ

ବେତନଟୀ , (ସବ୍ୟୁ) :ବେତନଟୀ ଅବକାରୀ ବିଭାଗ ତରଫରୁ ଆଜି ବିଭିନ୍ନ ସ୍ଥାନରେ ଅତର୍କିତ ଚଢଉ କରି ବଡ଼ସାହି , ବୈଶିଙ୍ଗା ଏବଂ ବେତନଟୀ ଥାନା ଅଞ୍ଚଳର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି । ବେତନଟୀ ଅବକାରୀ ବିଭାଗ ର ଏସଆଇ ପ୍ରକାଶ ସାହୁ ଙ୍କ ନେତୃତ୍ୱରେ ଏକ ଟିମ ବଡ଼ସାହି ଥାନା ଅଧୀନ ଗୌଡଗାଁ ଅଞ୍ଚଳର ପୂର୍ଣ୍ଣିମା ନାଏକ ,ବୈଶିଙ୍ଗା ଥାନା ଅଧୀନ ମାଳିହାତୀ ଗ୍ରାମର ମାୟାଦୀ ହାଁସଦା ଏବଂ ବେତନଟୀ ଥାନା ଅଧୀନ ଆମ୍ବଯୋଡା ଗ୍ରାମର ଜଗଦିଶ ବେହେରା ଠାରୁ ୩୪ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ଅବକାରୀ ଥାନାରେ ମାମଲା ରୁଜୁ କରି ଉକ୍ତ ତିନି ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି।

## ବିଲରେ ଓଲଟିଲା ଟ୍ରକ

ଦଶପଲ୍ଲା, (ସବ୍ୟୁ) :ଗୁରବାର ବିଳମ୍ବିତ ରାତିରେ ଦଶପଲ୍ଲା ଥାନା ବନ୍ଧୁ ଗାଓଁ ଠାରେ ଏକ ଲୁହା ରଡ଼ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଏକ ବିଲ ମଧ୍ୟକୁ ଓଲଟି ପଡିଛି । ଏହି ଲୁହା ଛଡ଼ ବୋଝେଇ ଟ୍ରକ ଟି ଝାରସୁଗୁଡା ରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ସମୟ ରେ ସମ୍ମୁଖରୁ ଆସୁଥିବା ଅନ୍ୟ ଏକ ଟ୍ରକ କୁ ସାଇଡ ଦେବାକୁ ଯାଇ ଏହି ଲୁହା ବୋଝେଇ ଟ୍ରକଟି ବିଲ ମଧ୍ୟକୁ ଓଲଟି ପଡିଥିଲା ।ମାତ୍ର ଟ୍ରକରେ ଥିବା ଡ୍ରାଇଭର ଓ ହେଲ୍ପର କୌଣସି ଆହତ ନ ହୋଇ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି ।

## ବାଇକ ଦୁର୍ଘଟଣା : ୨ ଆହତ

ଦଶପଲ୍ଲା,(ସବ୍ୟୁ) : ଦଶପଲ୍ଲା ଥାନା ଟାକେରା ନିକଟସ୍ଥ ଅଶ୍ୱିନୀବେରଣା ଠାରେ ଏକ ବାଇକ ଭାର ସାମ୍ୟ ହରାଇ ୫୭ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ସିମେଣ୍ଟ ପିଲାର ସହ ଧକା ହେବାରୁ ବାଇକରେ ଥିବା ୨ଜଣ ଯୁବକ ଆହତ ହୋଇଛନ୍ତି । ଆହତ ଯୁବକ ଙ୍କ ନାଁ ବିଶ୍ୱଜିତ ମୁଦୁଲି ଓ ଅଜିତ ବେହେରା। ସେମାନଙ୍କ ଘର ବାଙ୍କତଇଳା ଗ୍ରାମରେ ବୋଲି ଜଣା ପଡ଼ିଛି । ଉଭୟଙ୍କୁ ଉଦ୍ଧାର କରାଯାଇ ଜାତୀୟରାଜପଥ ଆମ୍ବୁଲାନ୍ସ ରେ ସ୍ଥାନୀୟ ସ୍ୱାସ୍ଥ୍ୟସ୍ଥ୍ୟ କେନ୍ଦ୍ର ରେ ଭର୍ତି କରାଯାଇଥିଲା । ଉଭୟ ଦଶପଲ୍ଲା ରୁ ନିଜଘର କୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ହୋଇଥିଲା ।

## ପଥର ବୋଝେଇ ୭ ଟ୍ରକ୍ ଜବତ : ଜଣେ ଗିରଫ

ସୋର,(ସବ୍ୟୁ):ସୋର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୭ ଟି ବେଆଇନ ମାଲ ବୋଝେଇ ଡମ୍ଫରକୁ ସୋର ତହସିଲଦାର ଜବତ କରିଛନ୍ତି। ସୋର ତହସିଲଦାର ଏସକେ ସାଗିର ଥାନା ଅଂଚଳର ବରଫକଳ ଛକ, ବିଡୁ ଛକ, ଫଟାଅର୍ଜୁନ ଛକ ଏବଂ ବାଗୁଡ଼ି ବଜାରରେ ଚଢ଼ାଉ କରି ବିଭିନ୍ନ ମାଲ ବୋଝେଇ ଡମ୍ଫରର କାଗଜପତ୍ର ଯାଞ୍ଚ କରିଥିଲେ। ଏହି ସମୟରେ ୪ଟି ବାଲି ବୋଝେଇ ଡମ୍ଫର, ଦୁଇଟି ପଥର ବୋଝେଇ ଡମ୍ଫର ଏବଂ ଏକ ମୋରମ ବୋଝେଇ ଡମ୍ଫର ବେଆଇନ ଭାବେ ମାଲ ପରିବହନ କରୁଥିବା ଜାଣିପାରି ଗାଡିଗୁଡିକକୁ ଜବତ କରି ସୋର ଥାନାରେ ଜିମା ଦେଇଛନ୍ତି । ତେବେ ପରବର୍ତୀ ଅବସ୍ଥାରେ ଗାଡି ଗୁଡିକୁ ଖଣି ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

## ବାଇକ ସହ ମଦ ଜବତ : ଜଣେ ଗିରଫ

ସୋର,(ସବ୍ୟୁ) :କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ, କଟକ, ୟୁନିଟ -୨ ତରଫରୁ ଅଞ୍ଜି ଛକରେ ଚଢ଼ାଉ କରାଯାଇ ବାଇକ ସହ ଦେଶୀମଦ ଜବତ କରିଥିବା ବେଳେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗର ଡେପୁଟି କମିଶନର ରାମଚନ୍ଦ୍ର ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟି ସୁପରିଟେଣ୍ଡେ ଅଳକା ସୁନାଙ୍କ ତତ୍ତ୍ୱାବଧାନରେ ଆଇଆଇସି ଧୀରେନ ବେହେରାଙ୍କ ନେତୃତ୍ୱରେ ଏକ ଟିମ ଆଜି ସକାଳେ ଏହି ଛକ ନିକଟରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ଗୋପାଳପୁରରୁ ଅଞ୍ଜି ଅଭିମୁଖେ ଆସୁଥିବା ଓଡି ୦୧ ଇ ୩୪୫୫ ନମ୍ବର ବିଶିଷ୍ଟ ବଜାଜ ଡ଼ିସକଭର ବାଇକକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ସେଥିରେ ଏକ ଅଖାରେ ୨୫ ଲିଟର ଦେଶୀମଦ ଚାଲାଣ ହେଉଥିବା ଜାଣିପାରି ବାଇକ ସହ ମଦକୁ ଜବତ କରି ଥାଳସତା ଗ୍ରାମର ସୁମନ୍ତ ଦାସକୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡ଼ିକାଲରେ ତାର ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି।

# ନାବାଳିକାକୁ ଦୁଷ୍କର୍ମ

ସୋର,(ସବ୍ୟୁ) : ସୋର ଥାନା ସିଙ୍ଗାଖୁଣ୍ଟା ପଞ୍ଚାୟତ ନୂଆସାହି ଗ୍ରାମର ଜଣେ ନାବାଳିକାକୁ ଦୁଷ୍କର୍ମ କରାଯାଇଥିବା ନେଇ ଶୁକ୍ରବାର ଅପରାହ୍ନରେ ପରିବାର ତରଫରୁ ସୋର ଥାନାରେ ଅଭିଯୋଗ ହୋଇଛି। ଏହି ଗ୍ରାମର ଜଣେ ନାବାଳିକା ଗତକାଲି ସନ୍ଧ୍ୟାରେ ସାଇକେଲରେ ଘରକୁ ଫେରୁଥିବା ବେଳେ ସେହି ଗ୍ରାମର ଜଣେ ଯୁବକ ତାଙ୍କୁ ନିକଟସ୍ଥ ଜଙ୍ଗଲକୁ ଟେକି ନେଇ ଦୁଷ୍କର୍ମ କରିଥିଲା। ଏ ବାବଦରେ ନାବାଳିକା ଜଣଙ୍କ ଘରେ ଜଣାଇବା ପରେ ପରିବାର ଲୋକେ ଆଜି ଅପରାହ୍ନରେ ସୋର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ମଳିପଡ଼ା ପଞ୍ଚୁଦୋଳ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ମଳିପଡ଼ାରେ ପଞ୍ଚୁ ଦୋଳ ଯାତ୍ରା ଆରମ୍ଭ ହୋଇଯାଇଛି। ଏହି ଅବସରରେ ଯାତ୍ରା କମିଟି ତରଫରୁ ତିନିଦିନ ବ୍ୟାପି ଯାତ୍ରା ଇନ୍ଦ୍ରଭୁବନ ଦର୍ଶକଙ୍କୁ ଯାତ୍ରା ଶେଷ ପଯ୍ୟନ୍ତ ବାନ୍ଧି ରଖୁଛି। ଯାନୀ ଯାତ୍ରା, ବିଭିନ୍ନ ପସରା ମେଳଣ ପଡିଆ କୁ ସୁନ୍ଦର ମଣ୍ଡିତ କରୁଛି। ହରିହର ମେଳଣ ରେ ମୁଖ୍ୟ ଠାକୁର ହେଲେ ମଳିପଡ଼ା ବଡ଼ମଠ ର ବଳଦେବଜୀଉ । ଏହି ମେଳଣରେ ପାଖଆଖ ଅଞ୍ଚଳ ହଜାର ହଜାର ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥିଲା। ଯାତ୍ରା କମିଟି ସଭ୍ୟମାନେ ଏହାକୁ ସୁଚାରୁ ରୂପେ ପରିଚାଳନା କରୁଛନ୍ତି।



# ପୋଲିଂ ଅଧିକାରୀଙ୍କ ଡାକ୍ତରୀ ପରୀକ୍ଷା

ବାଲେଶ୍ୱର, (ସବ୍ୟୁ) : ନିର୍ବାଚନ ପ୍ରକ୍ରିୟାର ଅଖଣ୍ଡତାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟଗତ ଆଧାରରେ ପୋଲିଂ ଅଧିକାରୀଙ୍କ ଦ୍ୱାରା ପଠାଯାଉଥିବା ଅଭିଯୋଗର ସତ୍ୟତାକୁ ସୁନିଶ୍ଚିତ କରିବା ପାଇଁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗଠିତ ମେଡ଼ିକାଲ ଟିମ୍ ଦ୍ୱାରା ପୋଲିଂ ଅଧିକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ । ନିର୍ବାଚନ ପ୍ରକ୍ରିୟାରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାର କ୍ଷମତାକୁ ପ୍ରଭାବିତ କରୁଥିବା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରସଙ୍ଗକୁ ଦର୍ଶାଇ ଥିବା ପୋଲିଂ ଅଧିକାରୀଙ୍କ ଚିକିତ୍ସାସ୍ଥିତିକୁ ସୂକ୍ଷ୍ମଭାବେ ଅନୁଧାନ କରିବା ଏହି ଡାକ୍ତରୀ ପରୀକ୍ଷାର ଉଦ୍ଦେଶ୍ୟ । ମିଳିଥିବା ସୂଚନା ଅନୁଯାୟୀ ନୀଳଗିରି, ଖଇରା ଓ ଔପଦା ବ୍ଲକର ୫୦ଜଣ ଅଧିକାରୀଙ୍କର ଆସନ୍ତା ମାର୍ଚ୍ଚ ୨୮ ତାରିଖରେ, ରେମୁଣା ବ୍ଲକର ୫୩ଜଣ ଅଧିକାରୀଙ୍କର ମାର୍ଚ୍ଚ ୩୦ ତାରିଖରେ, ବାଲେଶ୍ୱର ସଦର ବ୍ଲକର ୯୯ଜଣ ଅଧିକାରୀଙ୍କର ଏପ୍ରିଲ ୩ତାରିଖରେ,ଭୋଗରାଇ ଓ ସୋର ବ୍ଲକର ୫୩ଜଣ ଅଧିକାରୀଙ୍କର ଏପ୍ରିଲ ୪ତାରିଖରେ, ବାହାନଗା ଓ ଜଳେଶ୍ୱର ବ୍ଲକର ୬୧ଜଣ ଅଧିକାରୀଙ୍କର ଏପ୍ରିଲ ୫ତାରିଖରେ, ସିମୁଳିଆ, ବାଲିଆପାଳ ଓ ବସ୍ତା ବ୍ଲକର ୫୦ଜଣ ଅଧିକାରୀଙ୍କର ଏପ୍ରିଲ ୬ତାରିଖ ଦିନ ବାଲେଶ୍ୱର ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୧.୩୦ମିନିଟ୍ ସମୟରେ ଡାକ୍ତରୀ ପରୀକ୍ଷା କରାଯିବ । ନିର୍ବାଚନ ପ୍ରକ୍ରିୟାରେ ସମସ୍ତ ପୋଲିଂ ଅଧିକାରୀ ଶରୀରିକ ଭାବେ ସୁସ୍ଥ ଏବଂ ସେମାନଙ୍କ କର୍ତ୍ତବ୍ୟ ପାଳନ କରିବାରେ ସକ୍ଷମତା ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ସମସ୍ତ ପୋଲିଂ ଅଧିକାରୀମାନେ ଡାକ୍ତରୀ ପରୀକ୍ଷା ପାଇଁ ନିର୍ଦ୍ଧାରିତ ସମୟରେ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି ।

# ଆଚାର୍ଯ୍ୟ ହରିହର ଶିଶୁ ଭବନ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧବାର୍ଷିକୀ

ସାକ୍ଷୀଗୋପାଳ , (ସବ୍ୟୁ) : ଆଚାର୍ଯ୍ୟ ହରିହର ଶିଶୁ ଭବନ ସାକ୍ଷୀଗୋପାଳର ପ୍ରତିଷ୍ଠାତାଙ୍କ ୧୬ ତମ ଶ୍ରାଦ୍ଧବାର୍ଷିକୀ ଆଚାର୍ଯ୍ୟ ହରିହର ଶିଶୁ ଭବନ ପରିସରରେ ପାଳିତ ହୋଇଛି।ଅନୁଷ୍ଠାନର ଉପସଭାପତି ବିରେନ୍ଦ୍ର ଭୂଷଣ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରାଦ୍ଧ ଦିବସ ପାଳନ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନକୁ ଗଢିତୋଳିବାରେ ସ୍ୱର୍ଗତ ବାମନ ଦାସ ଓ ସ୍ୱର୍ଗତ ବୀରେନ୍ଦ୍ର ଦାସ ଙ୍କର ଅବଦାନ ଅବିସ୍ମରଣୀୟ ବୋଲି ବକ୍ତାମାନେ ମତ ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏହି ସ୍ମୃତିଚରଣ ସଭା ରେ ଯୋଗ ଦେଇଥିଲେ ଅନୁଷ୍ଠାନ ର ଅଧିକ୍ଷକ ସୁବୋଧ କୁମାର ସ୍ୱାଇଁ , ମିନାକ୍ଷୀ ବାରିକ, ସୁଭ୍ରାଜିତା ଶୁଭ ଦର୍ଶନି , ଜ୍ୟୋତିରାଣୀ ମିଶ୍ର ,ଶାନ୍ତନୁ କୁମାର ସାହୁ,କବିତା ପାତ୍ର ,ଶାନ୍ତିଲତା ଚୌଧୁରୀ,ଲକ୍ଷ୍ମୀଧର ସାହୁ , ପ୍ରମୋଦ କୁମାର ଜେନା , ସ୍ୱର୍ଣ୍ଣଲତା ନାୟକ ଏବଂ ସମସ୍ତ ଅନ୍ତେବାସୀ ମାନେ । ଶେଷରେ ସଭାପତିଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରାଯାଇଥିଲା।

# ଗୁଳି ଫୁଟାଇ ଦମ୍ପତିଙ୍କ ଠାରୁ ଲୁଟି ନେଲେ ସୁନା ଅଳଙ୍କାର

ଆନନ୍ଦପୁର , (ସବ୍ୟୁ) : ଶୁକ୍ରବାର ବନ୍ଧୁକ ଦେଖାଇ ପତ୍ନୀଙ୍କ ବେକରୁ ସୁନା ହାର, ମଙ୍ଗଳସୂତ୍ର ଓ କାନଫୁଲ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ଦିନ ଦ୍ୱିପ୍ରହରରେ ଜାତୀୟ ରାଜପଥରେ ପ୍ରଥମେ ଦମ୍ପତିଙ୍କୁ ଧକ୍କା ଦେଲେ ଓ ତାପରେ ବେକରୁ ସୁନା ହାର, ମଙ୍ଗଳସୁତ୍ର ଓ କାନଫୁଲ ଝାମ୍ପିନେଲେ। ଭୟଭିତ କରିବାକୁ ଗୋଟିଏ ରାଉଣ୍ଡ ଗୁଳି ମଧ୍ୟ ରାସ୍ତା ଉପରକୁ ଫୁଟାଇଥିଲେ। କେନ୍ଦୁଝର ଜିଲ୍ଲା ଆନନ୍ଦପୁରରେ ସ୍ୱଷ୍ଟ ଦିବାଲୋକରେ ଦମ୍ପତିଙ୍କ ଠାରୁ ଲୁଟ୍। ନିଗମ ପ୍ରଶାଦ ସାହୁ ଓ ତାଙ୍କ ପତ୍ନୀ ହରିଚନ୍ଦନପୁରରୁ ସ୍କୁଟିରେ ବେଲବାହାଳି ଯାଉଥିଲେ। ୨୦ ନମ୍ବର ଜାତୀୟ ରାଜପଥର ବୀରଗୋବିନ୍ଦପୁର ନିକଟରେ ରାସ୍ତାରେ ଯାଉଥିବା ସମୟରେ ଏକ କଳା ପଲସରରେ ୩ ଜଣ ମୁଖାପିନ୍ଧା ଯୁବକ ତାଙ୍କ ପିଛା କରିଥିଲେ। ଆଉ ସ୍କୁଟିକୁ ସାଇଟ୍ ମାରିଥିଲେ। ଦମ୍ପତିଙ୍କୁ ଭୟଭିତ କରିବା ପାଇଁ ବନ୍ଧୁକ ବାହାର କରି ୩ ରାଉଣ୍ଡ ଫାଙ୍କା ଗୁଳି କରିଥିଲେ।ପରେ ବନ୍ଧୁକ ଦେଖାଇ ପତ୍ନୀଙ୍କ ବେକରୁ ସୁନା ହାର, ମଙ୍ଗଳସୂତ୍ର ଓ କାନଫୁଲ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଘଟଣାର ଖବର ପାଇ ଘଷିପୁରା ପୁଲିସ ଘଟଣା ସ୍ଥଳରେ ପହଞ୍ଚିଛି ତଦନ୍ତ ଆରମ୍ଭ କରିଛି।



# ଇନ୍ଧନ ଗ୍ୟାସ କାର୍ଯ୍ୟାଳୟକୁ ଯାଇ ବୃଦ୍ଧ ନିଖୋଜ

ଭାପୁର, (ସବ୍ୟୁ) : ନୟାଗଡ ଜିଲ୍ଲା ଭାପୁର ବ୍ଲକ ବଦସହରା ପଞ୍ଚାୟତ ଗୋପାଳ ପ୍ରସାଦ ଗ୍ରାମର ଜଣେ ବୃଦ୍ଧ ବୁଧବାର ଦିନ ଖଣ୍ଡପଡ଼ା ଗ୍ୟାସ କାର୍ଯ୍ୟାଳୟକୁ ଯାଇ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ନିଜ ଘରକୁ ନ ଫେରିବାରୁ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ସୁତ୍ରରୁ ପ୍ରକାଶ ଗୋପାଳ ପ୍ରସାଦ ଗ୍ରାମର ସୋମନାଥ ପଟ୍ଟନାୟକ(୭୦) ବୁଧବାର ଦିନ ସାଇକେଲ ଯୋଗେ ଘରୁ ଖଣ୍ଡପଡ଼ା ସ୍ଥିତ ଭାରତ ଗ୍ୟାସ କାର୍ଯ୍ୟାଳୟକୁ ବାହାରିଥିଲେ।ଘରୁ ବାହାରିବାର ପ୍ରାୟ ଘଣ୍ଟାଏ ପରେ ତାଙ୍କ ସ୍ତ୍ରୀ ଅନୁସୟା ପଟ୍ଟନାୟକ ବୃଦ୍ଧ ଙ୍କୁ ଫୋନ କରିବାରେ ସେ କହିଥିଲେ ଯେ କେହି ଜଣେ ଦୁର୍ବୃତ୍ତ ଗ୍ରାମ ନିକଟସ୍ଥ ବାନ୍ଦରା ଜଙ୍ଗଲ ଭିତରୁ ମୋ ସାଇକେଲ ଟିକୁ ଚୋରି କରି ନେଇଛନ୍ତି ଏବଂ ମୁଁ ମୋ ବ୍ୟାଗ ଟିକୁ ଖୋଜୁଛି। ପୁନଶ୍ଚ କିଛି ସମୟ ପରେ ତାଙ୍କ ସ୍ତ୍ରୀ ଫୋନ୍ କରିବାରୁ ତାଙ୍କ ମୋବାଇଲ ଫୋନ୍ ଟି ବନ୍ଦ ହୋଇଯାଇଥିଲା।ଏହା ଜାଣିବା ପରେ ପରିବାର ପକ୍ଷରୁ ବହୁ ଖୋଜା ଖୋଜି କରିବା ପରେ ମଧ କୌଣସି ସନ୍ଧାନ ନ ମିଳିବାରୁ ରାତିରେ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ପକ୍ଷରୁ କିଛି ସନ୍ଧାନ ମିଳିନାହିଁ ।

# ଘର ଆଗରୁ ବାଇକ୍ ଚୋରି

ଅସୁରାଳି,(ସବ୍ୟୁ):ଧାମନଗର ବ୍ଲକ ଧୂଷୁରୀ ଥାନା ଅନ୍ତର୍ଗତ ଲୁଣିଆ ଗ୍ରାମରୁ ଏକ ବାଇକ୍ ଚୋରି ହୋଇଥିବା ଜଣାପଡିଛି। ଧୂଷୁରୀ ନିକଟସ୍ଥ ବମକୁରା ଦେଉଳଡ଼ିହି ଗ୍ରାମର ତରୁଣ କୁମାର ବେହେରା ତାଙ୍କ ଶ୍ୱଶୁର ଲୁଣିଆ ଗ୍ରାମର ହରିହର ସାହୁଙ୍କ ଘରକୁ ବୁଲିବା ପାଇଁ ଆସିଥିଲେ। ତରୁଣ ତାଙ୍କ ଟିଭିଏସ୍ ରାଇଡ଼ର ବାଇକ୍‌କୁ ଗତକାଲି ରାତିରେ ଶ୍ୱଶୁର ଘର ଦାଣ୍ଡରେ ରଖିଥିଲେ। ସକାଳୁ ତାଙ୍କ ବାଇକ୍ ନଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ଧୂଷୁରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ଗତକାଲି ରାତିରେ ଆନନ୍ଦ ବଜାର ଦିନାରୀ ଗ୍ରାମରୁ ଏକ ବାଇକ୍ ଚୋରୀ ପାଇଁ ଉଦ୍ୟମ ହୋଇଥିବାବେଳେ ଏହା ବିଫଳ ହୋଇଛି ବୋଲି ଜଣାପଡ଼ିଛି।

# ବଣ ବିଷ୍ଣୁପୁର ହାଇସ୍କୁଲ ପିଅନକୁ ପ୍ରଧାନଶିକ୍ଷକଙ୍କ ମାଡ଼

ସୋର, (ସବ୍ୟୁ) : ସୋର ବ୍ଲକ ମଧୁସୂଦନପୁର ପଞ୍ଚାୟତ ବଣବିଷ୍ଣୁପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ସ୍କୁଲର ଜଣେ ପିଅନକୁ ମାଡ଼ମାରିଥିବା ସଂପର୍କରେ ସଂପୃକ୍ତ ପିଅନ ଜଣକ ସୋର ଥାନାରେ ଅଭିଯୋଗ କରିଛନ୍ତି। ଗତକାଲି ୩.୩୫ ମିନିଟ ସମୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହେନ୍ଦ୍ର ନାୟକ ପ୍ରଥମ ପିଅନ ରାମଚନ୍ଦ୍ର ନାୟକଙ୍କୁ ମଟର ତାର ଟାଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ରାମଚନ୍ଦ୍ରଙ୍କ ଦେହ ଭଲ ଲାଗୁନଥିବାରୁ ସେ କାର୍ଯ୍ୟରେ ବିଳମ୍ବ କରିଥିଲେ। ତେଣୁ ପ୍ରଧାନ ଶିକ୍ଷକ ଉତ୍କ୍ଷିପ୍ତ ହୋଇ ତାଙ୍କର କାନମୂଳକୁ ତାର ବଣ୍ଡଲରେ ପିଟିଥିଲେ। ରାମଚନ୍ଦ୍ର ଆଜି ଏ ସଂପର୍କରେ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି।

## ସାଂସଦ ପ୍ରାର୍ଥୀ ଅଭିମନ୍ୟୁଙ୍କୁ ସମ୍ବର୍ଦ୍ଧନା

ଅସୁରାଳି,(ସବ୍ୟୁ):ଭଦ୍ରକ ସଂସଦୀୟ କ୍ଷେତ୍ର ପାଇଁ ବିଜେପି ପକ୍ଷରୁ ପ୍ରାର୍ଥୀ ହୋଇଥିବା ଅଭିମନ୍ୟୁ ସେଠୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରାର୍ଥୀ ଘୋଷିତ ରାଜ୍ୟ ବିଜେପି ସମ୍ପାଦକ ଅଭିମନ୍ୟୁ ସେଠୀ ଆରଡି ଯାଇ ବାବା ଆଖଣ୍ଡଳମଣିଙ୍କ ଦର୍ଶନ କରିବା ଅବସରରେ ତାଙ୍କୁ ଧୂଷୁରୀ,ଅସୁରାଳି ଏବଂ ଆନନ୍ଦ ବଜାର ଠାରେ ଦଳୀୟ କାର୍ଯ୍ୟକର୍ତ୍ତା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଉପରୋକ୍ତ ସ୍ଥାନରେ ସାଂସଦ ପ୍ରାର୍ଥୀ ଅଭି ସାଧାରଣ ଲୋକଙ୍କୁ ଭେଟି ସହଯୋଗ ପାଇଁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ଉପସଭାପତି ଚତୁର୍ଭୁଜ ନାୟକ,ବୈକୁଣ୍ଠ ନାଥ ସାହୁ,ରାଜେନ୍ଦ୍ର ସାହୁ,ଶ୍ରୀକାନ୍ତ ନାୟକ,ଗୟାଧର ନାୟକ,କେଶବ ଦାସ,ଉଜ୍ଜ୍ୱଳ ନାଥ,ଦୁଃଶାସନ ମିଶ୍ର,ପୂର୍ଣ୍ଣ ପୋଥାଳ,ତପନ ସାହୁ,ସରପଂଚ ଅନ୍ତର୍ଯ୍ୟାମୀ ପତି,ସରୋଜ ସ୍ୱାଇଁ,ଯୁଧିଷ୍ଠିର ସାହୁ,ବେଣୁଧର ବିଶ୍ୱାଳ,କାହ୍ନୁ ମିଶ୍ର,ବିଜୁ ପାହାଲ,ତାପସ ପଣ୍ଡା ପ୍ରମୂଖ ଉପସ୍ଥିତ ଥିଲେ।

## ଆପ୍ ବାଲେଶ୍ୱର ଶାଖାର ସାମୁହିକ ଉପବାସ

ବାଲେଶ୍ୱର, (ସବ୍ୟୁ) :ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜିରୱାଲଙ୍କୁ ବେଆଇନଭାବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗିରଫ କରିବା ପ୍ରତିବାଦରେ ଆମ୍ଆଦମୀ ପାର୍ଟିଦ୍ଧ(ଆପ)ର ବାଲେଶ୍ୱର ଶାଖା ପକ୍ଷରୁ ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ଏକଦିବସୀୟ ସାମୂହିକ ଉପବାସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପାର୍ଟିର ଜିଲ୍ଲା ସଭାପତି କୁମାର ସ୍ୱର୍ଣ୍ଣ ଭାରତ ମଲ୍ଲିକଙ୍କ ଆବାହକତ୍ୱରେ ଆୟୋଜିତ ଉପବାସ କାର୍ଯ୍ୟକ୍ରମରେ ନିକୁଞ୍ଜ ମହାନ୍ତି, ସରୋଜ କୁମାର ରାଉଳ, ମୀନାକ୍ଷୀ ଦାସ, ରାମଚନ୍ଦ୍ର ଭୂୟାଁ, କୈଳାଶ ଚନ୍ଦ୍ର ପୃଷ୍ଟି, ଯୁଧିଷ୍ଠିର ମହାରଣା, ଶୁଭାଶିଷ ପାଣି, ସିପିଆଇ ନେତା ଗୌରାଙ୍ଗ ପାଣିଗ୍ରାହୀ, ସିପିଏମ୍ ନେତା ଶିଶିର ହୁଇ, ନୀଳଗିରିର ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, କୃଷକ ନେତା ସୀତାଂଶୁ ସେନାପତି, ସିପିଏମ୍ ନେତା ନିର୍ମଳ ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇ ଆଗାମୀ ସାଧାରଣ ନିର୍ବାଚନରେ ଭାରତୀୟ ଜନତାପାର୍ଟୀ ଓ ତାର ଗୋଡ଼ାଣିଆ ଦଳଗୁଡ଼ିକର ପ୍ରାର୍ଥୀମାନଙ୍କ ବିରୋଧରେ ବାଲେଶ୍ୱର ବାସୀ ବିପୁଳ ମାତ୍ରାରେ ଭୋଟ ଦେବାକୁ ଅନୁରୋଧ କରିଥିଲେ ।

## ଏନଏସି ଗଠନ ପ୍ରକ୍ରିୟା ଆରମ୍ଭ

ଆଗରପଡ଼ା,(ସବ୍ୟୁ):ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ଫେବୃଆରୀ ମାସ ୨୪ତାରିଖରେ ଆଗରପଡ଼ାକୁ ବିଜ୍ଞାପିତ ପରିଷଦ ଅଂଚଳ ବା ଏନଏସି ଭାବେ ମାନ୍ୟତା ପ୍ରଦାନ କରିଥିଲେ। ଜିଲ୍ଲା ସହରାଂଚଳ ଉନ୍ନୟନ ଅଧିକାରୀଙ୍କ ଚିଠି ନଂ ୯୦୪/୨୨.୩.୨୦୨୪ ରେ ଏହି ପରିଷଦ ଅଂଚଳ ଗଠନ ପାଇଁ ଆବଶ୍ୟକୀୟ ତଥ୍ୟ ଦେବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବାର ଜଣାପଡ଼ିଛି। ଏଥିପାଇଁ ସ୍ଥାନୀୟ ଅଂଚଳରେ ଲୋକଙ୍କ ମନରେ ଆନନ୍ଦଭାବ ସୃଷ୍ଟି ହୋଇଥିବାର ପରିଲକ୍ଷିତ ହେଉଛି।

## ୨ ବନ୍ଧୁକ ଜବତ ଦୁଇ ଗିରଫ

ଦଶପଲ୍ଲା , (ସବ୍ୟୁ) : ନିର୍ବାଚନ ପୂର୍ବରୁ ପୋଲିସ ର ଚଢ଼ାଉ ଛ ଚୋରା ବନ୍ଧୁକ ରଖିଥିବା ଲୋକ ଙ୍କୁ ଧରୁଛି ପୋଲିସ । ଗୁରୁବାର ଦିନ ବାଣୀଗୋଛା ପୋଲିସ ପକ୍ଷରୁ ନେଡିପଦର ଗ୍ରାମରେ ଚଢ଼ାଉ କରାଯାଇ ଦୁଇଟି ଚୋରା ବନ୍ଧୁକ ଜବତ କରାଯାଇଥିବା ବେଳେ ଏଥିରେ ସମ୍ପୃକ୍ତ ଦୁଇଜଣଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି । ଗିରଫ ଦୁଇଜଣ ଙ୍କ ନାଁ ବଶିଷ୍ଠ ବେହେରା ଓ ପ୍ରଦୀପ ବେହେରା ବୋଲି ପୋଲିସ ସୁତ୍ର ରୁ ଜଣାପଡିଛି। ଉଭୟ ଙ୍କ ଠାରୁ ପୃଥକ ପୃଥକ ଭାବେ ଦୁଇଟି ହାତ ତିଆରି ବନ୍ଧୁକ ଜବତ କରାଯାଇଥିବା ବେଳେ ପୋଲିସ ପକ୍ଷରୁ ଦୁଇଟି ମାମଲା ରୁଜୁ କରାଯାଇ ଉଭୟ ଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ବିଅର ଜବତ ଜଣେ ଗିରଫ

ନିମାପଡା,(ସବ୍ୟୁ) : ଶୁକ୍ରବାର ସକାଳେ ନିମାପଡା ଥାନା ଅନ୍ତର୍ଗତ ବାମନାଳ ରାସ୍ତାରେ ଏକ ବାଇକରେ ଚୋରା ମଦ ନେଇ ଯାଉଥିବା ଯୁବକ ଠାରୁ ପୁଲିସ ମଦ ଜବତ କରିବା ସହିତ ସଂପୃକ୍ତ ଯୁବକକୁ ଗିରଫ କରିଥିବା ଜଣାପଡିଛି । ପ୍ରକାଶ ଯେ, ରାଜେଶ ପ୍ରଧାନ ନାମକ ଯୁବକ ଏକ ବାଇକରେ ୨୭ ଲିଟର ବିଅର ନେଇ ଯାଉଥିବା ବେଳେ କୌଣସି ସୁତ୍ରରୁ ଖବର ପାଇ ପୁଲିସ ତାଙ୍କୁ ଧରିଥିଲା । ପୁଲିସ ରାଜେଶ ଠାରୁ ୨୭ ଲିଟର ବିଅର ଜବତ କରିବା ସହିତ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ବିମାନ କାନ୍ଧେଇ ମହିଳାଙ୍କ ମେଳଣ ଯାତ୍ରା

ତିହିଡି,(ସବ୍ୟୁ):ଶ୍ରୀଶ୍ରୀ ରାଧାମାଧବ ଜୀୟୁ ସେବକମାନଙ୍କର ନିଆରା ପରମ୍ପରା, ଯେଉଁଠି ପ୍ରଥମ ଥର କରି ମହିଳାମାନେ ଠାକୁର ବିମାନ କାନ୍ଧେଇ ମେଳଣକୁ ଯାଇଥିଲେ। ତିହିଡି ବ୍ଲକ ପୀରହାଟ ଦେଶଦୋଳ ମେଳଣରେ ଏପରି ପରିଲକ୍ଷିତ ହୋଇଛି। ବାମନବିନ୍ଧା ପଞ୍ଚାୟତ ଖେଦରପୁର ଗାଁର ଶ୍ରୀଶ୍ରୀ ରାଧାମାଧବ ଜୀୟୁ ପକ୍ଷରୁ ଚଳିତ ବର୍ଷ କେବଳ ମହିଳାମାନେ ବିମାନ କାନ୍ଧେଇ ମେଳଣକୁ ଯାଇଥିବା ଜଣାଯାଇଛି। ଏହି ଗାଁର ଶ୍ରୀଶ୍ରୀ ରାଧାମାଧବ ଜୀୟୁଙ୍କ ୩୨ତମ ଫଗୁ ପୂର୍ଣ୍ଣିମା ଦେଶଦୋଳ ଓ ମେଳଣ ଅବସରରେ ରାଧାମାଧବ ମନ୍ଦିର ପରିସରରୁ ପରିବାରର ମହିଳାମାନେ ବିମାନ କାନ୍ଧେଇ ପୀରହାଟ କାଳୀପଡିଆସ୍ଥିତ ମେଳଣକୁ ଯାଇଥିଲେ। ମହିଳାମାନେ ବିମାନକୁ କାନ୍ଧେଇ ଥିବାବେଳେ ପୁରୁଷମାନେ ଘଣ୍ଟା, ଝାଞ୍ଜ, ମୃଦଙ୍ଗ, ଢୋଲ ଓ କଂସାଳ ଆଦି ବଜେଇ ବେଶ ଧୂମ୍‌ଧାମରେ ମେଳଣକୁ ଯାଇଥିଲେ। ଏହାକୁ ଦେଖିବା ଲାଗି ଗାଁରୁ ମେଳଣ ପଡିଆ ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ ଜମିଥିଲା। ପ୍ରତିବର୍ଷ ଏହିପରି ପରମ୍ପରା ବଜାୟ ରଖିବା ଲାଗି ପରିବାର ପକ୍ଷରୁ ନିଷ୍ପତି ନିଆଯାଇଛି। ଅନିତା ମହାନ୍ତି, ରଶ୍ମିରେଖା ମହାନ୍ତି, ପୂଜା ମହାନ୍ତି, ଶତାବ୍ଦୀ ମହାନ୍ତି, ମୋନାଲୀସା ମହାନ୍ତି, ବିନୁ ମହାନ୍ତି, ସୀମା ମହାନ୍ତି, ଲିପି ମହାନ୍ତି, ସୁଚିସ୍ମିତା ମହାନ୍ତି, ସିଦ୍ଧି ମହାନ୍ତି, କ୍ରିଷ୍ଣା ମହାନ୍ତି, ସାଇଶ୍ରୀ ମହାନ୍ତି, ଶୁଭଶ୍ରୀ ମହାନ୍ତି, ସୁଜିତା ମହାନ୍ତି ପ୍ରମୁଖ ଠାକୁର ବିମାନକୁ କାନ୍ଧେଇବା ସହିତ ନାଚିନାଚି ମେଳଣକୁ ଯାଇଥିଲେ। ମୁଖ୍ୟ ସେବକ ସଚ୍ଚିଦାନନ୍ଦ ମହାନ୍ତି ଓ ବିଜୟ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନୃସିଂହ ସାହିତ୍ୟ ସ୍ମୃତି ପରିଷଦର ହୋଲି ଆସର

ଦୋବଲ,(ସବ୍ୟୁ):ଧାମନଗର ବ୍ଲକ ଦୋବଲ ସ୍ଥିତ ବୈଦିକ ଯଜ୍ଞ ମଣ୍ଡପ ପରିସରରେ ଶିକ୍ଷାବିତ ହୃଦାନନ୍ଦ କରଙ୍କ ସଭାପତିତ୍ୱରେ ନୃସିଂହ ସାହିତ୍ୟ ପାରିଷଦ ପକ୍ଷରୁ ହୋଲି ଆଶର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରପଂଚ ଅଶୋକ ପଣ୍ଡା,ବୈଦିକ ଯଜ୍ଞ ପରିଷଦର ସଭାପତି କୃତ୍ତି ବାସ ତ୍ରିପାଠୀ,ସମ୍ପାଦକ ପ୍ରମୋଦ ନାୟକ,ଶିକ୍ଷାବିତ ସିଦ୍ଧେଶ୍ୱର ସାମଲ,ସାମ୍ବାଦିକ ପ୍ରଦୀପ ମହାପାତ୍ର,ପ୍ରଶାନ୍ତ ସାହୁ,ସମାଜସେବୀ ରତିକାନ୍ତ ପରିଡ଼ା,ପ୍ରଭାତ ସାମଲ ପ୍ରମୁଖ ଯୋଗଦେଇ ହୋଲି ପର୍ବ ଏକ ଜାତୀୟ ସମ୍ପର୍କ ରେ ଅତିଥି ମାନେ ମତ ରଖିଥିଲେ। ସମ୍ପାଦକ ମନୋଜ କୁମାର ଜେନା ସ୍ୱାଗତ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ କମଳାକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ୩ରେ ସାହାରା ଇଣ୍ଡିଆ ଜମାକାରୀ, ଏଜେଣ୍ଟଙ୍କ ସମାବେଶ

ବାଲେଶ୍ୱର, (ସବ୍ୟୁ) : ସାହାରା ଇଣ୍ଡିଆ ଜମାକାରୀ ଓ କାର୍ଯ୍ୟକର୍ତ୍ତା ମିଳିତ ମଞ୍ଚର ନେତୃମଣ୍ଡଳୀଙ୍କ ବୈଠକ ଶୁକ୍ରବାର ଦିନ ମଧ୍ୟାହ୍ନରେ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ମନୋରଂଜନ ମଲ୍ଲିକ ଅଧକ୍ଷତା କରିଥିଲେ। ସାଧାରଣ ସଂପାଦକ କାର୍ତ୍ତିକ ଚାନ୍ଦ ଗତ ୨୦ ତାରିଖ ଦିନ ବାଲେଶ୍ୱର ସହରରେ ସଭା, ଶୋଭାଯାତ୍ରା ଓ ବିକ୍ଷୋଭ ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲେ ମଧ୍ୟ ଉକ୍ତଦିନ ତମାମ ଲଗାତର ବର୍ଷା କାରଣରୁ ଏହି ଆନ୍ଦୋଳନକୁ ସ୍ଥଗିତ ରଖିବାକୁ ଆମେ ବାଧ ହୋଇଥିଲୁ। ପୁନଶ୍ଚ କର୍ମକର୍ତ୍ତାମାନଙ୍କ ନିଷ୍ପତ୍ତିକ୍ରମେ ଆସନ୍ତା ୩ ତାରିଖ ବୁଧବର ଦିନ ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ଶୋଭାଯାତ୍ରା ଓ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହେବ। ଏପ୍ରିଲ୍ ୩ ତାରିଖ ଦିନ ୧୦ଟାରେ ବାଲେଶ୍ୱର ରେଳଷ୍ଟେସନରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ପହଞ୍ଚିବ। ସେଠାରେ ବିକ୍ଷୋଭ ସମାବେଶ ଓ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ। ସଂପାଦକ ଶ୍ରୀ ଚାନ୍ଦଙ୍କ ପ୍ରସ୍ତାବକୁ ଉପସ୍ଥିତକ ସଦସ୍ୟମାନେ ସ୍ୱାଗତ ଜଣାଇଥିଲେ। ସମଗ୍ର ଜିଲ୍ଲାର ଜମାକାରୀ ଏହି ଆନ୍ଦୋଳନରେ ଯୋଗଦେବାକୁ ନିବେଦନ କରିଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ସିଭିଲ୍ ସୋସାଇଟିର ଉପଦେଷ୍ଟା ତଥା ବରିଷ୍ଠ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ନିରୀହ ଜମାକାରୀ ଓ ଏଜେଣ୍ଟମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ସଂସ୍ଥା ସେବି ଓ ସାହାରା କଂପାନୀ ମାଲିକଙ୍କ ବିବାଦରୁ ଏକ ଅନିଶ୍ଚିତତା ମଧ୍ୟରେ ଗତି କରୁଥିବାର କହିଥିଲେ। ଜମାକାରୀଙ୍କ ଅର୍ଥ ସୁରକ୍ଷିତ ଥିବାବେଳେ କେବଳ ଏହି ବିବାଦ ଓ ମାଲିମୋକଦ୍ଦମା କାରଣରୁ ଜମାକାରୀମାନେ ସେମାନଙ୍କର କଷ୍ଟାର୍ଜିତ ଅର୍ଥ ଫେରିପାଉନାହାନ୍ତି। ତେଣୁ କେନ୍ଦ୍ର ସରକାର ଏହି ସମସ୍ୟା ପ୍ରତି ଗୁରୁତ୍ୱ ଦେବାକୁ ଶ୍ରୀ ପାଣିଗ୍ରାହୀ ନିବେଦନ କରିଥିଲେ। ଆସନ୍ତା ଆନ୍ଦୋଳନରେ ସିଭିଲ୍ ସୋସାଇଟି ସହଯୋଗ କରିବ ବୋଲି ବହୁ ପୂର୍ବରୁ ନିଷ୍ପତ୍ତି ନେଇଛି। ଅନ୍ୟମାନଙ୍କ ମଧ୍ୟରେ ମନୋଜ କୁମାର ବେହେରା, ସୁରଜ ପ୍ରକାଶ ପଣ୍ଡା, ଭାସ୍କର ମଲ୍ଲିକ, ଅନନ୍ତ ଶତପଥୀ, ନିରଞ୍ଜନ ଶତପଥୀ, ଶରତଚନ୍ଦ୍ର ଦଳାଇ ଓ ଶ୍ୟାମସୁନ୍ଦର ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜମାକାରୀ ମନ୍ମଥ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।






ଘଷିପୁରା ନିର୍ବାଚନ ମଣ୍ଡଳୀ ପାଇଁ ୬ଥର ବିଜେଡିରୁ ଟିକେଟ ପାଇବା ପରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରଫେସର ବଦ୍ରିନାରାୟଣ ପାତ୍ରଙ୍କୁ ଫୁଲ ତୋଡା ଦେଇ ଅଭିନନ୍ଦନ ଜଣାଉଛନ୍ତି ଶୁଭେଚ୍ଛୁ । (ଫଟୋ -ରବିରାଜ)

